## ବାଲିବୋଝେଇ ଗାଡିରୁ ୧ଲକ୍ଷ ଜରିମାନା

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗା ଥାନା ସମ୍ମୁଖରୁ ଗୁରୁବାର ବିଳମ୍ବିତ ରାତିରେ ତୁରୁମୁଙ୍ଗା ପୋଲିସ ୩ଟି ବେଆଇନ ବାଲି ବୋଝେଇ ହାଇୱା ଓ ଶନିବାର ସକାଳୁ ପାଟଣା ପୋଲିସ ଏକ ଟ୍ରାକ୍ଟର ଜବତ କରି ପାଟଣା ତହସିଲକୁ ହସ୍ତାନ୍ତର କରିଥିଲା। ପାଟଣା ତହସିଲଦାର ଶିବ ପ୍ରସାଦ ମୁର୍ମୁ ଓଭର ଲୋଡ଼ ଓ ଲଘୁ ଖଣିଜ ଆଇନ ଉଲ୍ଲଂଘନ କରିଥିବାରୁ ୩ହାଇୱାରୁ ୧ ଲକ୍ଷ ଟଙ୍କା ଓ ଟ୍ରାକ୍ଟରରୁ ୫ହଜାର ୧୨୦ ଟଙ୍କାର ଜରିମାନା ଆଦାୟ କରିଛନ୍ତି।

## ସଂକ୍ଷେପରେ

### କ୍ୟାବିନକୁ ଧକ୍କା ଦେଲା ଟ୍ରାକ୍ଟର: ଝିଅ ମୃତ, ବାପା ଗୁରୁତର

ଭଣ୍ଡାରିପୋଖରୀ,୯।୧(ଡି.ଏନ.ଏ)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ପଞ୍ଚାୟତ ଲକ୍ଷ୍ମୀବଜାରଠାରେ ଶନିବାର ଅପରାହ୍ନରେ ଏକ ମାଟି ବୋଝେଇ ଟ୍ରାକ୍ଟର ପାନ ଦୋକାନ କ୍ୟାବିନକୁ ଧକ୍କା ଦେଇଛି। ଫଳରେ କ୍ୟାବିନ୍‌ରେ ଥିବା ଦୋକାନୀ ଶ୍ରୀକାନ୍ତ ପଲେଇ ଓ ତାଙ୍କ ଝିଅ ଲକି(୧୪) ଗୁରୁତର ହୋଇଥିଲେ। ରାତିରେ କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଲକିଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଟ୍ରାକ୍ଟରଟି ରହଣିଆ ଗ୍ରାମକୁ ଯାଉଥିବା ବେଳେ ଉକ୍ତ ଦୋକାନ କ୍ୟାବିନ୍‌କୁ ଧକ୍କା ଦେଇଥିଲା। ଗ୍ରାମବାସୀ ଶ୍ରୀକାନ୍ତ ଓ ଲକିଙ୍କୁ ଉଦ୍ଧାର କରି ଯାଜପୁର ଡାକ୍ତରଖାନାକୁ ପଠାଇଥିଲେ। ଲକିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇଛି। ଚାଳକ ଫେରାର ଥିବା ପୋଲିସ କହିଛି।

### ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଯୋଡ଼ା, ୯।୧(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ମେନ୍‌ରୋଡ ନିକଟରୁ ଶନିବାର ଏକ ମୃତଦେହ ପଡିଥିବାର ସୂଚନା କେତେକ ସ୍ଥାନୀୟ ଯୁବକ ଯୋଡା ଥାନାକୁ ଜଣାଇଥିଲେ। ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଠାବ କରିଥିଲା । ଯୋଡ଼ା ପୋଲିସ ଏନେଇ ଏକ (ନଂ.୨/୨୦୨୧) ମାମଲା ରୁଜୁ କରିଛି। ମୃତ ଯୁବକଙ୍କ ନାମ ବିଶାଳ ହୁରା ତାଙ୍କ ଘର ଝାଡଖଣ୍ଡ ରାଜ୍ୟର ଉକୁମମାଟକାମ ଗ୍ରାମରେ। ବିଶାଳ ୧ ମାସ ହେଲା ବାଂଶପାଣି ଠାରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହୁଥିଲେ । ଶୁକ୍ରବାର ରାତିରେ ସେ ଶୌଚ ହେବାପାଇଁ ନିକଟସ୍ଥ ପୋଖରୀକୁ ଯାଇ ଆଉ ଫେରି ନ ଥିଲେ। ଶନିବାର ସକାଳୁ ତାଙ୍କ ମୃତଦେହ ରାସ୍ତାରେ ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବାସହ ଏକ କଟୁରିକୁ ମଧ ଜବତ କରିଥିଲା। ଏ ସଂକ୍ରାନ୍ତରେ ଯୋଡା ଥାନା ଆଇଆଇସି ରାଇସେନ ମୁର୍ମୁ କହିଛନ୍ତି ଯେ, ଏହା ଏକ ହତ୍ୟାକାଣ୍ଡ ପୋଲିସ ବିଭିନ୍ନ ଦିଗକୁ ନଜରରେ ରଖି ତଦନ୍ତ ଆରମ୍ଭ କରିଛି।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ପାଟଣା,୯।୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ଡିଆନାଳୀ ଏକଲ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିନାମାଳି ଉପକେନ୍ଦ୍ରର ୧୭ଟି ଏକଲ ବିଦ୍ୟାଳୟର ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଛାତ୍ର ଅଂଶ ଗ୍ରହଣ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ପାଟଣା ଏକଲ କେନ୍ଦ୍ରର ପ୍ରମୁଖ ହେମାଲତା ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ତଥା ପାଟଣା ଏକଲ ଅଭିଯାନ ସମ୍ପାଦକ ଦୁର୍ଗା ଚରଣ ନାୟକ, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ କୃଷି ଅଧିକାରୀ ତଥା ପାଟଣା ଏକଲ ସଂଗଠନ ପ୍ରଭାରୀ ଗଦାଧର ମହାନ୍ତ, ସମ୍ମାନିତ ଅତିଥି ଭାବେ ତୁଳସୀ ମହାନ୍ତ, ଇତିଶ୍ରୀ ମହାନ୍ତ ଓ ସୁଶୀଳା ସଙ୍ଗୀତା ମହାନ୍ତ ପ୍ରମୁଖ ଯୋଗ ଦେଇ ଶିଶୁଙ୍କ ବୌଦ୍ଧିକ ବିକାଶରେ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।ସଭା ଶେଷରେ ମୁଖ୍ୟଅତିଥି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଅଧିକ ଲାଭ ମିଳୁନି, ତଥାପି ବୃତ୍ତି ଛାଡି ହେଉନି

**ବାଞ୍ଛାନିଧି ଦେ**
**ରୂପ୍‌ସା, ୯।୧**

ବାଉଁଶରୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସେମାନଙ୍କର କୌଳିକ ବୃତ୍ତି। ସେଥିରୁ ମିଳୁଥିବା ସ୍ୱଳ୍ପ ରୋଜଗାରରୁ ଢ଼ୋକେ ପିଇ ଦଣ୍ଡେ ଜୀଇବା ଅବସ୍ଥାରେ ସେମାନେ ପରିବାର ଚଳାନ୍ତି। ଅଧିକ ଲାଭ ମିଳୁ ନ ଥିଲେ ବି ଏମାନେ ବୃତ୍ତିକୁ ଛାଡ଼ିନାହାନ୍ତି। ପୁରୁଷ ପୁରୁଷ ଧରି ଏହି ବୃତ୍ତିକୁ ଅପଣାଇ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଜୀବିକା ନିର୍ବାହ କରନ୍ତି ବାଉଁଶ କାରିଗରଙ୍କ ପରିବାର। ଅନ୍ୟପକ୍ଷରେ କରୋନା ମାଡ଼ରେ ବାଉଁଶ କାରିଗରଙ୍କ ହାତ ବନ୍ଦ ହୋଇଯାଇଛି। ହାଟବଜାର ମାସ ମାସ ଧରି ବନ୍ଦ ରହିବା ଫଳରେ ରୋଜଗାରର ବାଟ ବି ଏକପ୍ରକାର ବନ୍ଦ। କରୋନା କାଳରେ ବିଭିନ୍ନ ବର୍ଗର ଲୋକଙ୍କୁ ସରକାରୀ ପ୍ୟାକେଜ୍ ମିଳିଥିବା ବେଳେ ସେମାନଙ୍କୁ ସରକାର ଆଡ଼ ନଜରରେ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଲଛମନଖୁଣ୍ଟା ଅଞ୍ଚଳର ଡୁମସାହି ଗାଁ। ଗାଁରେ ଲକ୍ଷ୍ମଣ କାଳନ୍ଦୀ, ଉତ୍ତମ କାଳନ୍ଦୀ, ଅଭି କାଳନ୍ଦୀ, ଅନ୍ତା କାଳନ୍ଦୀ, ଫନୀ କାଳନ୍ଦୀ, କର୍ମୁ କାଳନ୍ଦୀ ଓ ସନ୍ତୋଷ କାଳନ୍ଦୀଙ୍କ ସମେତ ୧୦ରୁ ଅଧିକ ହରିଜନ, ସମ୍ପ୍ରଦାୟର ବାଉଁଶ କାରିଗର ପରିବାର ବାସ କରନ୍ତି। ସେମାନେ ବାଉଁଶରୁ ଚଲା, ଚାଲୁଣୀ, ଝୁଡ଼ା, ପାଛିଆ, କେଟିଆ, ଝାମ୍ପି, ଦଲମା ଆଦି ସାମଗ୍ରୀ ତିଆରି କରିଥାନ୍ତି। ଏହା ହିଁ ସେମାନଙ୍କ ବଞ୍ଚିବାର ଆଧାର। ହେଲେ ସେମାନଙ୍କର ପ୍ରାୟ ଚାଷ ଜମି ନାହିଁ କି ପକ୍କା ଘର ନାହିଁ।


ରୂପ୍‌ସା ବଜାରରେ ଜଣେ ବାଉଁଶ କାରିଗର।

କାରିଗର ଲକ୍ଷ୍ମଣ କାଳନ୍ଦୀ କହନ୍ତି, ବାପ, ଗୋଁସିବାପ ଅମଳରୁ ଆମେ

### ଦୟନୀୟ ଅବସ୍ଥାରେ ବାଉଁଶ କାରିଗର

ଏହି ବ୍ୟବସାୟ କରିଆସୁଛୁ। ଗୋଟିଏ ବାଉଁଶକୁ ୮୦ରୁ ୧୦୦ ଟଙ୍କା ମଧ୍ୟରେ କିଣିବାକୁ ପଡୁଛି। ସେଥିରୁ ବିଭିନ୍ନ ସାମଗ୍ରୀ ତିଆରି କରି ସାଇକେଲରେ ଗାଁ ଗାଁ ହାଟବଜାର ବୁଲି ବିକ୍ରି କରିଥାଉ। ମାସରେ ୩ରୁ ୪ହଜାର ଟଙ୍କା ରୋଜଗାର ହୁଏ। ସେଇ ପଇସାରେ ଚାଉଳ, ରାଶନ, ତେଲଲୁଣ, ଔଷଧ, ଲୁଗାପଟା କିଣି ଚଳିବାକୁ ପଡ଼େ। ବେପାର ହେଲେ ଚୂଲୀ ଜଳେ, ନ ହେଲେ ପୂରା ପରିବାର, ପିଲାଛୁଆ ଭୋକ ଉପାସରେ ଦିନ କାଟୁ। ନିଜ ପରିଶ୍ରମରୁ ଯାହା ଦି ପଇସା ଲାଭ ମିଳେ ତାହା ହିଁ ଆମ ସମ୍ବଳ।

# ଶିକ୍ଷୟିତ୍ରୀଶିକ୍ଷକଙ୍କ କୋଭିଡ୍ ପରୀକ୍ଷା

**ଆରଡ଼ି, ୯।୧(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଶୁକ୍ରବାରଠାରୁ ସ୍କୁଲ ଖୋଲିଛି। ଦଶମ ଶ୍ରେଣୀର ଛାତ୍ରୀଛାତ୍ର କୋଭିଡ୍ ନିୟମ ମାନି ବିଦ୍ୟାଳୟରେ ପ୍ରବେଶ କରିଛନ୍ତି। ଗାଇଡ୍‌ଲାଇନ ଅନୁଯାୟୀ ଶନିବାର ଭଦ୍ରକ ଜିଲା ଧୂଷୁରୀ ମୁରଲିଧର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଧୂଷୁରୀ ଜୋନ୍‌ରେ ଥିବା ସମସ୍ତ ସ୍କୁଲର ୧୭୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସମସ୍ତଙ୍କର ରିପୋର୍ଟ ନେଗେଟିଭ୍ ଥିବା ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା ସୂଚନା ଦେଇଛନ୍ତି। ଆସନ୍ତା ସପ୍ତାହ ସୁଦ୍ଧା ସମସ୍ତ ସ୍କୁଲରେ ଛାତ୍ରୀଛାତ୍ରଙ୍କ କୋଭିଡ୍ ଟେଷ୍ଟ କରାଯିବ ବୋଲି ଜଣାପଡ଼ିଛି।

# ଶ୍ରୀରାମ ମନ୍ଦିର ଲାଗି ଲକ୍ଷାଧିକ ଟଙ୍କା ଦାନ କଲେ ମହିଳା

**ବାରିପଦା ଅଫିସ,୯।୧**

ମୟୂରଭଞ୍ଜ ଜିଲା ଦେବେନ୍ଦ୍ରପୁର ଓ ରାଇରଙ୍ଗପୁରର ଅଞ୍ଚଳର ଦୁଇ ମହିଳା ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ଦାନ କରିଛନ୍ତି । ଦେବେନ୍ଦ୍ରପୁର ଅଞ୍ଚଳର ଛୋଟେଲାଲ ମହାନ୍ତଙ୍କ ପତ୍ନୀ କ୍ଷୀରୋମଣି ୧ଲକ୍ଷ ୨୧ହଜାର ୧୨୧ଟଙ୍କା ଆରଏସ୍‌ଏସ୍‌ର ରାଜ୍ୟ ମୁଖ୍ୟ ବିପିନ ବିହାରୀ ନନ୍ଦଙ୍କୁ ଚେକ ଆକାରରେ ପ୍ରଦାନ କରିଛନ୍ତି। ଏମପି ଇଂ ବିଶ୍ୱେଶ୍ୱର ଟୁଡୁ ଓ ଶିକ୍ଷାବିକାଶ ସମିତିର ସଙ୍ଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଇରଙ୍ଗପୁର ନିବାସୀ ବୀଣା ଦେବୀ ୧ ଲକ୍ଷ ୧୧ ହଜାର ୧୧୧ଟଙ୍କା ପ୍ରଦାନ କରିଛନ୍ତି ।

# ୫ କୋଟିର ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ


ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

**ଭଣ୍ଡାରିପୋଖରୀ,୯।୧(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଭଣ୍ଡାରିପୋଖରୀ–ମଣିନାଥପୁର ପୂର୍ତ୍ତ ବିଭାଗ ରାସ୍ତାର ସରତା ନାଳ ଉପରେ ଏକ ବକ୍ସ କଲଭର୍ଟ, ଅନ୍ୟ ୮ଟି ସ୍ଥାନରେ ମଧ ପକ୍କା ନଳା ପୋଲ ସମେତ ରାସ୍ତାର ୦.୩ ଠାରୁ ୨.୩ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ ପାଇଁ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଶନିବାର ମାଳଦା ସରତା ପୋଲ ନିକଟରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରଫୁଲ୍ଲ ସାମଲ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଏହି କାମ ଶେଷ ହେବ। ସରତା ପୋଲ ୬ ମିଟରରେ ୫ ଟା ସ୍ଥାନ ଉଚ୍ଚ କରି ନିର୍ମାଣ ହେବ ବୋଲି କୁହାଯାଇଛି। ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ମଣ୍ଡଳ, ବିଧାୟକ ସାମଲ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋସ୍ନା ରାଣୀ ମହାନ୍ତି, ମାଳଦା ସରପଞ୍ଚ ରିତାଞ୍ଜଳି ସାମଲ, ରହଣିଆ ସରପଞ୍ଚ ଅଲିଭା ନାୟକ, ସମିତିସଭ୍ୟ ମୋହନ ରାୟ, ବ୍ରହ୍ମାନନ୍ଦ ଜେନା, ଚଗଲା ନାୟକ ପ୍ରମୁଖ ଯୋଗ ଦେଇ ଏହି ପୋଲ ନିର୍ମାଣ ହେଲେ ଲୋକେ ବନ୍ୟା ସମୟରେ ସୁବିଧାରେ ଯାତାୟାତ କରିପାରିବେ ବୋଲି କହିଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣିତକାନ୍ତ ସାମଲ, ଲଳିତ ରାଉତ, ପ୍ରତ୍ୟୁଷ ସାମଲ, ଦେବେନ୍ଦ୍ର ଦାସ, ଉତ୍କଳ କେଶରୀ ମହାନ୍ତି, ରାଜେଶ ନାୟକ, ବିଦ୍ୟାଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ ନାୟକ ଧନ୍ୟବାଦ ଦେଇଥିଲେ।

# ମୃତ୍ତିକା ପରୀକ୍ଷା ସଚେତନତା

**କେନ୍ଦୁଝର, ୯।୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ ବାୟାକୁମୁଟିଆ ପଞ୍ଚାୟତ ଅନ୍ତର୍ଗତ ଆଦର୍ଶ ଗ୍ରାମ ମାମଲାପଶିଠାରେ ଓଡିଶା କୃଷି ବିଭାଗ ଓ ପାରାଦୀପ ଫସଫେଟସ ଲିମିଟେଡର ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାରର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଂଶପାଳ ବ୍ଲକର ସହକାରୀ କୃଷି ଅଧିକାରୀ ମଧୁସୂଦନ ବେହେରା, ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର କେନ୍ଦୁଝରର ସଂଯୋଜକ ଶତ୍ରୁଘ୍ନ ସେଠୀ, କୃଷି ଅଧିଦର୍ଶକ ଅର୍ଜ୍ଜୁନ ସାହୁ, ଏଟିମ୍ ତରଣୀସେନ ମହାନ୍ତ, ପ୍ରମୋଦ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ମାଟି ପରୀକ୍ଷା ଜମିର ସୁରକ୍ଷା, ଆବଶ୍ୟକତା ନମୁନା ସଂଗ୍ରହର ପ୍ରଣାଳୀ ଉପରେ ଆଲୋଚନା କରିଥିଲେ ଓ ମାଟି ପରୀକ୍ଷା କରି ଆବଶ୍ୟକ ଅନୁଯାୟୀ ସାର ପ୍ରୟୋଗ କଲେ ଅଧିକ ଅମଳ ହୋଇପାରିବ ବୋଲି ବୁଝାଇଥିଲେ। ସମସ୍ତ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦେବା ପାଇଁ ସହକାରୀ କୃଷି ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମୃତ୍ତିକା ପରୀକ୍ଷାଗାରର କର୍ମଚାରୀ ମାନସ ରଞ୍ଜନ ମହାନ୍ତ, ବୈକୁଣ୍ଠ ସାହୁ, କୃଷକ ସାଥୀ ସହଯୋଗ କରିଥିଲେ।

# କୋଭିଡ୍ ଟିକାକରଣର ପୂର୍ବାଭ୍ୟାସ

**ଉଦଳା,୯।୧(ଡି.ଏନ.ଏ.)**

କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଡାକ୍ତରଖାନାରେ କୋଭିଡ୍ ଟିକାକରଣର ପୂର୍ବାଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଡାକ୍ତରଖାନାର ୨୫ କର୍ମଚାରୀଙ୍କୁ ପରୀକ୍ଷାମୂଳକ ଭାବେ ଟିକାକରଣ ପଦ୍ଧତିର ପୂର୍ବାଭ୍ୟାସ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରୂପଭାନୁ ମିଶ୍ର, ମିନତି ମିଶ୍ର, ଡା. ଶିବାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଟିକାକରଣର ସୁପରିଚାଳନା ନିମନ୍ତେ ପୂର୍ବାଭ୍ୟାସ କରାଇଥିଲେ। ୬ ଜଣିଆ ଟିମ୍ ପ୍ରସ୍ତୁତ କରାଯାଇଥିଲା। ଡାକ୍ତରଖାନା ପରିଚାଳିକା ନିରୁପମା ମହାନ୍ତି, ଡା. ଶଶାଙ୍କ ଶେଖର ଦାସ, ଡା.ମହେଶ୍ୱର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ବିଜେଡିରେ ମିଶିଲେ ଶତାଧିକ କର୍ମୀ


ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରୁଛନ୍ତି ।

**ଖଇରା, ୯।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବଡନୂଆଗାଁ ପଞ୍ଚାୟତ ପଙ୍କପାଳ ଗ୍ରାମରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବିଜେଡିର ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶତାଧିକ କଂଗ୍ରେସ ଓ ଭାଜପା କର୍ମୀ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ସ୍ୱାଇଁ , ଖଇରା ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି , ଖଇରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ବଡନୂଆଗାଁ ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ବେହେରା, ବର୍ତ୍ତନା ସରପଞ୍ଚ ସୁଶାନ୍ତ ମିଶ୍ର, ବର୍ତ୍ତନା ସମିତିସଭ୍ୟ ରଘୁନାଥ ପଣ୍ଡା, ବଡନୂଆଗାଁ ସମିତିସଭ୍ୟା ନମିତା ଜେନା, ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବ ଦ୍ୱାରା ପଞ୍ଚାୟତରେ ବିଜେଡି ଅଧିକ ଶକ୍ତିଶାଳୀ ହେବ ବୋଲି ମନ୍ତ୍ରୀ ପାଣିଗ୍ରାହୀ ସୂଚନା ଦେଇଥିଲେ ।

# ସରକାରୀ ଜମି ଦୁର୍ନୀତି ନେଇ ଖୋଳତାଡ଼

**ଭଦ୍ରକ ଅଫିସ,୯।୧**

ଭଦ୍ରକ ଜିଲା ବାସୁଦେବପୁର ତହସିଲ ନାୟକାଣିଡିହୀ ରାଜସ୍ୱ ସର୍କଲର ଶତାଧିକ ଏକର ଜମି ଦୁର୍ନୀତି ହୋଇଥିବା ନେଇ ଜିଲା ପ୍ରଶାସନ ନିକଟରେ ଗତବର୍ଷ ଅଭିଯୋଗ ହୋଇଥିଲା। ହେଲେ ଏହାର ତଦନ୍ତ ହେଉ ନ ଥିଲା। ଅଭିଯୋଗକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଲିଖିତ ଅଭିଯୋଗ କରିବା ପରେ ଗତ ଡିସେମ୍ବର ୨୧ରେ ଏହି ଦୁର୍ନୀତିର ତଦନ୍ତ ପାଇଁ ଜିଲା ପ୍ରଶାସନକୁ ଚିଠି ଆସିଥିଲା। ଏହି ଚିଠି ପରେ ଜିଲା ପ୍ରଶାସନ ପକ୍ଷରୁ ଖୋଳତାଡ଼ ଚାଲିଛି। ଘଟଣାର ତଦନ୍ତ ଆରମ୍ଭରୁ ପ୍ରାଥମିକତା ଭିତ୍ତିରେ ୩ ଦିନ ପୂର୍ବେ ଜଣେ ଆର୍‌ଆଇ ଓ ଜଣେ ବରିଷ୍ଠ କିରାଣିଙ୍କୁ ନିଲମ୍ବନ କରାଯାଇଛି। ଘଟଣାର ନିରପେକ୍ଷ ତଦନ୍ତ ଲାଗି ଉପଜିଲାପାଳ ପୀତାମ୍ବର ସାମଲ ବାସୁଦେବପୁର ଗସ୍ତ କରି ଜମିଜମା ରେକର୍ଡ଼ ପତ୍ର ଯାଞ୍ଚ କରୁଥିବା ଜଣାପଡ଼ିଛି। ସମୁଦାୟ ରେକର୍ଡ଼ ଯାଞ୍ଚ ହୋଇ ନ ଥିବାରୁ କେତେ ପରିମାଣର ଜମି ହଡ଼ପ କରାଯାଇଛି ତାହା ଜଣାପଡ଼ି ନ ଥିବା ସେ କହିଛନ୍ତି।

ଜାଲିଆତି କରାଯାଇ ହଡ଼ପ

ଜମିଜମା ସମ୍ପର୍କିତ କାଗଜପତ୍ରର ପ୍ରାୟ ୫୦ଟି ଫାଇଲ ତହସିଲ ରେକର୍ଡ଼ ରୁମ୍‌ରେ ନ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଉକ୍ତ ରାଜସ୍ୱ ସର୍କଲ ଅଧୀନ ବାଲିମୁଣ୍ଡା ପଞ୍ଚାୟତର ଶତାଧିକ ଏକର ସରକାରୀ ଜମିକୁ ଜାଲ ପଟ୍ଟା ମାଧ୍ୟମରେ କେତେକ ଲୋକଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ବଡ଼ହାବେଳିସାହି, ବାଲିମୁଣ୍ଡା, ନନ୍ଦପାଟଣା, ସାନହାବେଳିସାହି ମୌଜା ଅଞ୍ଚଳରେ ଏହି ସବୁ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ସମ୍ପୂର୍ଣ୍ଣ ତଦନ୍ତ ପରେ କେତେ ଏକର ଜମିକୁ କେତେଜଣ ହଡ଼ପ କରିଛନ୍ତି ଓ ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜଣାପଡ଼ିବ ବୋଲି ଉପଜିଲାପାଳ ସାମଲ କହିଛନ୍ତି।

# ଜଙ୍ଗଲ ସୁରକ୍ଷା ଲାଗି ସମନ୍ୱୟ କମିଟି

**ବୈଶିଙ୍ଗା,୯।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ବନ ବିଭାଗ ପକ୍ଷରୁ ଜଙ୍ଗଲ,ଜଙ୍ଗଲଜାତ ଦ୍ରବ୍ୟ ଏବଂ ପରିବେଶର ସୁରକ୍ଷା ସଙ୍ଗେ ସଙ୍ଗେ ଆର୍ଥିକ ଅନଗ୍ରସର ବର୍ଗଙ୍କ ଜୀବନ ଜୀବିକାର ସୁରକ୍ଷା ନିମନ୍ତେ ବ୍ଲକସ୍ତରୀୟ ସମନ୍ୱୟ କମିଟି ଗଠନ କରାଯାଇଛି। ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଉପଦେଷ୍ଟା କମିଟି କରାଯାଇଛି। ପ୍ରତ୍ୟେକ ମାସରେ ଏହି କମିଟିର ବୈଠକ ଅନୁଷ୍ଠିତ ହେବ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କ ପରାମର୍ଶରେ ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

ରେଞ୍ଜ ଅଫିସର ଘନଶ୍ୟାମ ସିଂଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଜିଲା ଜଙ୍ଗଲ ବିଭାଗ ପକ୍ଷରୁ ବିଷୟବସ୍ତୁ ବିଶେଷଜ୍ଞ କୈଳାସ ଚନ୍ଦ୍ର ଦାସ, ଜିଲା ସଂଯୋଜକ ନିହାର ସାମଲ ଓ ରତିକାନ୍ତ ବେହୁରା ଯୋଗ ଦେଇଥିଲେ। ସେହିପରି ବ୍ଲକସ୍ତରୀୟ ଅଧିକାରୀମାନଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ,ମତ୍ସ୍ୟଚାଷ ସମ୍ପ୍ରସାରଣ ଅଧିକାରୀ, ପଶୁ ଚିକିତ୍ସା ଅଧିକାରୀ, ବନପାଳ ଏବଂ ସମସ୍ତ ପଞ୍ଚାୟତମାନଙ୍କରେ ଗଠିତ ଜଙ୍ଗଲ ସୁରକ୍ଷା କମିଟିର ସଭ୍ୟମାନେ ବୈଠକରେ ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ।

# ଜମାକାରୀଙ୍କ ଅର୍ଥ ହଡ଼ପ ଘଟଣାର ତଦନ୍ତ

**ବାରିପଦା ଅଫିସ,୯।୧**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ମୁରୁଣିଆ ଶାଖା ପୋଷ୍ଟ ଅଫିସରେ ଟଙ୍କା ହଡ଼ପ ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ଦୁଇଟି ଟିମ୍ ଗଠନ କରାଯାଇ ଥିବା ବେଳେ ଜିଲା ଡିଭିଜନ ପୋଷ୍ଟଅଫିସ ବାରିପଦା ଶାଖାର ସୁପରିଟେଣ୍ଡେଣ୍ଟ ମୃତ୍ୟୁଞ୍ଜୟ ବେରା ଆସି ସମସ୍ତ କାଗଜପତ୍ର ଯାଞ୍ଚ କରିଛନ୍ତି। ଟିମ୍‌ର ୪ ଜଣିଆ ଅଧିକାରୀ ଶାଖା ପୋଷ୍ଟ ଅଫିସ ଏବଂ ଆଉ ଏକ ଟିମ୍ ସାରସକଣାସ୍ଥିତ ଉପଡ଼ାକଘରେ ସମସ୍ତ କାଗଜପତ୍ର ଯାଞ୍ଚ କରୁଥିବା ସୂଚନା ମିଳିଛି। ଜମାକରୀଙ୍କ ଅଭିଯୋଗ ଆଧାରରେ ଥିବା ପ୍ରମାଣପତ୍ର ବା ରସିଦର ନକଲ ଦେଖାଇବା ପରେ ଅଫିସ ରେକର୍ଡ ଯାଞ୍ଚ କରାଯିବ। ପରେ ଜମାକାରୀଙ୍କୁ ତାଙ୍କ ନ୍ୟାୟଚିତ ମୂଲ୍ୟ ଯଥାଶୀଘ୍ର ପ୍ରଦାନ କରାଯିବ ବୋଲି ସୁପରିଟେଣ୍ଡେଣ୍ଟ ବେରା କହିଛନ୍ତି। ସେହିପରି ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଜମାକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପାସ୍‌ବୁକ ଇସ୍ୟୁ କରିବାର କ୍ଷମତା ନ ଥିବା ଅଧିକାରୀ ଜଣକ ପାସ୍‌ବୁକ ପ୍ରଦାନ କରିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ସୁପରିଟେଣ୍ଡେଣ୍ଟ ବେରା ପ୍ରକାଶ କରିଛନ୍ତି। ଏହି ଯାଞ୍ଚ ସମୟରେ ଝାରପୋଖରିଆ ଥାନା ଏସ୍‌ଆଇ ପଞ୍ଚାନନ ମହାନ୍ତିଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ ।


ତଦନ୍ତକାରୀ ଅଧିକାରୀଙ୍କ ସହ ଜମାକାରୀ ଆଲୋଚନା କରୁଛନ୍ତି।

# କଣ୍ଟାରେ ଝୁଲିଲେ, ନିଆଁରେ ଚାଲିଲେ

**ଯୋଡ଼ା,୯।୧(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଭୂୟାଁବସ୍ତି ପାତ୍ରସାହିଠାରେ ଥିବା କୋଠି ଶାଳରେ ଶୁକ୍ରବାର ମା' ଠାକୁରାଣୀଙ୍କ ଓଷା ଅନୁଷ୍ଠିତ ହୋଇଯାଇଛି । ଏହି ଓଷା ଚଳିତବର୍ଷ ୭୮ ବର୍ଷରେ ପଦାର୍ପଣ କରିଛି। ସେଥିପାଇଁ ସେଠାରେ ଭାବମୟ ପରିବେଶ ସୃଷ୍ଟି ହୋଇଥାଏ। ଅସେଇଁକଳା ଗ୍ରାମର କୁମ୍ଭାର ପରିବାରରୁ ଠାକୁରାଣୀ ମା' ଯୋଡ଼ାର କୋଠିଶାଳକୁ ଆସିବା ପରେ ୮ ଦିନ ଧରି ମା' ଙ୍କର ରୀତିନୀତି ଅନୁଯାୟୀ ଦେହୁରୀମାନେ ପୂଜା କରଥାନ୍ତି। ଶ୍ରଦ୍ଧାଳୁମାନେ ଓଷା ଗୀତ ଗାନ କରି କଣ୍ଟାର ଦୋଳିରେ ଝୁଲିବା ସହିତ ନିଆଁ ଖନ୍ଦାରେ ଚାଲିଚାଲି ମା'ଙ୍କର ସ୍ମରଣ କରିଥାନ୍ତି। ମା'ଙ୍କର ଏହି ଓଷା ସମ୍ପର୍କରେ ମୁଖ୍ୟ ଦେହୁରୀ ରମେଶ ଚନ୍ଦ୍ର ପାତ୍ର, ବାବୁ ପାତ୍ର, ବସନ୍ତ ପାତ୍ର, ଈଶ୍ୱର ପାତ୍ର ପ୍ରମୁଖ କୁହନ୍ତି ଯେ, ରାତି ୨ଟା ବେଳେ ମା'ଙ୍କୁ କୋଠିଶାଳରୁ ପୂଜା ମଣ୍ଡପକୁ ବାହାର କରାଯାଇ ଉପବାସ ରହିଥିବା ଶ୍ରଦ୍ଧାଳୁମାନେ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ପରମ୍ପରା ଅନୁଯାୟୀ ଗାଆଣୀ ଓଷାଗୀତ ଗାଇ ମା'ଙ୍କର ସ୍ମରଣ କରିଥିଲେ। ସମସ୍ତ ପୂଜାର୍ଚ୍ଚନା ସରିବାପରେ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ମା'ଙ୍କର ବିସର୍ଜନ କରାଯାଇଥିଲା । ରୀତିନୀତି ଅନୁଯାୟୀ ସନ୍ଧ୍ୟାବେଳେ ମାନସିକ ରଖିଥିବା ଶ୍ରଦ୍ଧାଳୁମାନେ ପଣା ପିଇଥିଲେ। ମା'ଙ୍କର ପୂଜାରେ ସବୁବର୍ଷ ପରି ଚଳିତ ବର୍ଷ ମଧ ମାନସିକଧାରୀ ଓ ଶ୍ରଦ୍ଧାଳୁମାନେ ଭୋଗ ଏବଂ ଅନ୍ୟାନ୍ୟ ପାରମ୍ପରିକ ନୈବେଦ୍ୟ ଅର୍ପଣ କରିଥିଲେ। ଶୁକ୍ରବାର ଯୋଡ଼ା ସମେତ କଣ୍ଡରା, ବାସୁଦେବପୁର, ଧୋବାକୁଚୁଡ଼ା, ରଘୁଆଳ ସାହି, କମଳପୁର, ବିରିକଳା ଆଦି ସ୍ଥାନରୁ ମା'ଙ୍କର ପୂଜା ଦେଖିବା ପାଇଁ ଶ୍ରଦ୍ଧାଳୁମାନେ ଯୋଡ଼ା ଆସିଥିଲେ। ଝାଡ଼ଖଣ୍ଡ ରାଜ୍ୟରୁ ମଧ ବହୁ ଶ୍ରଦ୍ଧାଳୁ ଏହି ପୂଜାରେ ଯୋଗଦାନ କରି ମାନସିକ ପୂରଣ କରିଥିଲେ ।


ଠାକୁରାଣୀ ଓଷାରେ ସାମିଲ ଶ୍ରଦ୍ଧାଳୁ।

## ରାଜାଲୋକାରେ ଅଟକିବ ସୁପରଫାଷ୍ଟ ଟ୍ରେନ

**ବାରିପଦା ଅଫିସ:** ଭୁବନେଶ୍ୱର-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ ସାରସକଣା ବ୍ଲକ ସ୍ଥିତ ରାଜାଲୋକା ଷ୍ଟେଶନରେ ଏକ ମିନିଟ୍ ପାଇଁ ଅଟକିବ ବୋଲି ବିଭାଗ ସୂଚନା ଦେଇଛି। ଏନେଇ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଦକ୍ଷିଣ-ପୂର୍ବ ରେଳପଥ ମୁଖ୍ୟଙ୍କ ଚିଠିନଂ. ଡିପିପି/୨୦୨୧/୦୧/୪୬ ଅନୁଯାୟୀ ଏହି ସୁପରଫାଷ୍ଟ ଭୁବନେଶ୍ୱର ଯିବା ସମୟ ସକାଳ ୪.୩୧ରୁ ୪.୩୨ ଏବଂ ଭୁବନେଶ୍ୱରରୁ ବାଙ୍ଗିରିପୋଷି ଆସିବା ସମୟରେ ରାତି ୧୦.୪୯ରୁ ୧୦.୫୦ ପର୍ଯ୍ୟନ୍ତ ରହିବ ବୋଲି ଜଣାଯାଇଛି। ଉଲ୍ଲେଖଯୋଗ୍ୟ, ଏହି ଟ୍ରେନ ରହଣୀ ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ।

## ସଂକ୍ଷେପରେ

### ବେଆଇନ ଇଟାଭାଟିକୁ ନେଇ ବଢ଼ୁଛି ପ୍ରଦୂଷଣ

**କେନ୍ଦୁଝର, ୯।୧ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘଟଗାଁ ତହସିଲ ଅନ୍ତର୍ଗତ ପଣ୍ଡାପଡା ଅଞ୍ଚଳରେ ବେଆଇନ ଭାବରେ ଇଟା ଭାଟି ଚାଲିଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗୁଛି। ମାଟି ଇଟା ତିଆରି ଉପରେ ସରକାରଙ୍କ କଟକଣା ରହିଥିବା ବେଳେ ଏଭଳି ପ୍ରଦୂଷଣ ସୃଷ୍ଟି କରୁଥିବା ଇଟା ଭାଟିକୁ ଅନୁମତି ଦିଆଯାଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କୁ ଦାବି କରିଛନ୍ତି। ପ୍ରକାଶ ଯେ ୨୦୧୮-୧୯ ମସିହାରୁ ବାୟୁ ପ୍ରଦୂଷଣ ରୋକିବା ପାଇଁ ଇଟା ଭାଟି ଉପରେ କଟକଣା ଲାଗୁକରାଯାଇଛି। ତେବେ କେତେକ ଇଟା ଭାଟି ମାଫିଆ ଦୁର୍ନୀତିଗ୍ରସ୍ତ ରାଜସ୍ୱ ବିଭାଗର କର୍ମଚାରୀ ମାନଙ୍କୁ ହାତ କରି ବେଧଡକ ଭାବରେ ଇଟା ଭାଟି ଚଲାଇଥିବା ଓ ଏଣେ ତେଣେ ମାଟି ଖୋଳା ଯାଉଥିବାରୁ ବହୁ ମାତ୍ରାରେ ବାୟୁ ପ୍ରଦୂଷଣ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

### ଯୋଗଦେଲେ ନୂଆ ଥାନାଧିକାରୀ

**ବାରିପଦା ଅଫିସ,୯।୧:** ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନାରେ ନୂତନ ଅଧିକାରୀ ଭାବେ ଭାସ୍କର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ଏକ ସୀମାନ୍ତ ଥାନା ହୋଇଥିବାରୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଯାନବାହାନ ଚେକିଂକୁ ଅଧିକ ଗୁରୁତ୍ୱ ଦିଆଯିବା, ବେଆଇନ ମଦ କାରବାର ଓ ଲଘୁଖଣିଜ ଲୁଟରେ ଜଡିତ ଥିବା ବ୍ୟକ୍ତିଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ୨୪ ଥାନାର ମହିଳା, ଶିଶୁ ଡେସ୍କକୁ ମିଳିଲା ସ୍କୁଟି

**ବାରିପଦା ଅଫିସ,୯।୧:** ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ରୋକିବା ପାଇଁ ମୟୂରଭଞ୍ଜ ଜିଲାର୨୪ଟି ଥାନାକୁ ସ୍କୁଟି ପ୍ରଦାନ କରାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଉପସ୍ଥିତ ରହି ରିଜର୍ଭ ପୋଲିସ ଇନିସ୍‌ପେକ୍ଟରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ସ୍କୁଟି ଗୁଡ଼ିକ ପ୍ରଦାନ କରିଥିଲେ। ଜିଲାରେ ମୋଟ ୩୦ଟି ଥାନା ରହିଛି। ଯେଉଁ ଥାନା ଗୁଡ଼ିକୁ ସ୍କୁଟି ମିଳିନାହିଁ ସେହି ଥାନାଗୁଡ଼ିକ ନିକଟବର୍ତ୍ତୀ ଥାନାରୁ ଏହି ସୁବିଧା ପାଇପାରିବେ ବୋଲି ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଛନ୍ତି। ରିଜର୍ଭ ପୋଲିସ ଇନିସ୍‌ପେକ୍ଟର କୁଳମଣି ଗିରିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ୨ ଚୋରା ମଦ ବ୍ୟବସାୟୀ ଗିରଫ

**ଖଇରା, ୯।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ମୋବାଇଲ ସ୍କ୍ୱାଡ୍ ଓ ସୋର ଅବକାରୀ ବିଭାଗର ମିଳିତ ସହଯୋଗରେ ଖଇରା ଥାନା ଅଞ୍ଚଳରେ ଶୁକ୍ରବାର ଚଢ଼ାଉ କରାଯାଇ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଦୁଇ ମହିଳା ମଦ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଲେଶ୍ୱର ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ଗାଲୁରାମ ସୋରେନ ଓ ଖଇରା ଅବକାରୀ ବିଭାଗର ଅଧିକାରିଣୀ ସ୍ୱାତୀ ପଟ୍ଟନାୟକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଗିରଫ ଦୁଇ ମହିଳା ହେଲେ ଖଇରା ଥାନା ସାରଡାଙ୍ଗ ପଞ୍ଚାୟତ ହର୍ଣ୍ଣବୀ ଗ୍ରାମର ମାନସୀ ବେହେରା ଓ ଖଇରା ଥାନା ତେନ୍ତୁଳିଆ ଗଡିଆ ଗ୍ରାମର ସରସ୍ୱତୀ ପରିଡ଼ା।

### ସହଯୋଗର ହାତ ବଢ଼ାଇଲେ ଡାକ୍ତର

**ଖଇରା, ୯।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଛିପୁର ଉ.ପ୍ରା. ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ମୋ ସ୍କୁଲ ଅଭିଯାନରେ ସଦସ୍ୟତା ଗ୍ରହଣ କରିବା ପରେ ଗାଁ ଗାଁ ବୁଲି ଉଚ୍ଚ ପଦପଦବୀରେ ଥିବା ଛାତ୍ରୀଛାତ୍ରଙ୍କୁ ଭେଟି ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ କାମନା କରୁଛନ୍ତି। ବିଭିନ୍ନ ସମସ୍ୟାରେ ଜଡିତ ଥିବା ଏହି ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଆଲୋଚନା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାୟାଧର ବୈଶାଖ ଓ ସହକାରୀ ଶିକ୍ଷକ ସୁଦର୍ଶନ ସେଠୀ କଟକରେ କାର୍ଯ୍ୟରତ ଯକ୍ଷ୍ମା ଓ ଛାତି ରୋଗ ବିଶେଷଜ୍ଞ ଡା. ନୃସିଂହ ଚରଣ ଦାସଙ୍କୁ ଭେଟିବା ପରେ ମୋ ସ୍କୁଲ ଅଭିଯାନକୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଛଉ ତାଲିମ ଦେଲେ କଲମ୍ବିଆର କାରୋଲିନା

**ବାରିପଦା ଅଫିସ,୯।୧**

## ୬ ଦିନିଆ ତାଲିମ କର୍ମଶାଳା

ବିଶ୍ୱ ପ୍ରସିଦ୍ଧ ମୟୂରଭଞ୍ଜ ଛଉ ନୃତ୍ୟର ରହିଛି ସ୍ୱତନ୍ତ୍ରତା। ଏହାକୁ ବଜାୟ ରଖିବା ସହ ପ୍ରଚାର ପ୍ରସାର ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେଉଛି ପ୍ରୋଜେକ୍ଟ ଛାଉଣୀ। ଏଥି ସକାଶେ ୬ ଦିନିଆ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାର ଶେଷ ଦୁଇ ଦିନରେ କଲମ୍ବିଆ ଛଉ ନୃତ୍ୟ ଶିଳ୍ପୀ କାରୋଲିନା ପ୍ରାଦା ଶିବରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଭବନଠାରେ ଆୟୋଜିତ ଏହି କର୍ମଶାଳାରେ ଗ୍ରାମାଞ୍ଚଳର ଛଉନୃତ୍ୟ ଶିଳ୍ପୀଙ୍କ ସମେତ ବାରିପଦାସ୍ଥିତ ଉତ୍ତରସାହି ଓ ଦକ୍ଷିଣସାହି ଛଉନୃତ୍ୟ ପ୍ରତିଷ୍ଠାନର ବହୁ କଳାକାର ସାମିଲ ହୋଇଥିଲେ। ବାରିପଦା ଦକ୍ଷିଣସାହି ଛଉନୃତ୍ୟ ମନ୍ଦିରର ପାଗୁଲୁ ଜେନା, ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ରାମଚନ୍ଦ୍ର ଦାସ ଏବଂ ବାମନଘାଟି ଛଉ ନୃତ୍ୟ ପ୍ରତିଷ୍ଠାନର ତ୍ରିଲୋଚନ ମହାନ୍ତ ପ୍ରମୁଖ ଓସ୍ତାଦମାନେ କର୍ମଶାଳାରେ ଯୋଗଦେଇ ନୃତ୍ୟଶିଳ୍ପୀମାନଙ୍କୁ ଅଭ୍ୟାସ ଏବଂ ତାଲିମ ପ୍ରଦାନ କରିଥିଲେ। ପ୍ରୋଜେକ୍ଟ ଛାଉଣୀର କାର୍ଯ୍ୟକାରୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀଙ୍କ ସମେତ କର୍ମକର୍ତ୍ତାମାନେ କର୍ମଶାଳାକୁ ପରିଚାଳନା କରିଥିବା ବେଳେ ଅଶୋକ ବୈଠା ଏବଂ ଛତିଶ ଚନ୍ଦ୍ର ଧଡ଼ା ବାଦ୍ୟଯନ୍ତ୍ରରେ ସହାୟତା ପ୍ରଦାନ କରିଥିଲେ। ତେବେ ଛଉର ବ୍ୟାପକ ପ୍ରଚାର ପ୍ରସାର ସହ ଜାତୀୟସ୍ତରରୁ ଏହାର ହୃତଗୌରବକୁ ପୁନଃପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ କର୍ମଶାଳାମାନ ଆୟୋଜନ କରାଯାଉଛି ବୋଲି ନିର୍ଦ୍ଦେଶକ ବିଭୂଦତ୍ତ ଦାସ ପ୍ରକାଶ କରିଛନ୍ତି। ଫଳରେ କଳାକାରମାନେ ନିଜର କଳା ପ୍ରଦର୍ଶନ କରି ଜିଲା ତଥା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି କଳାକାର ଡେଜି ବେହେରା, ପ୍ରକାଶିନୀ ମିଶ୍ର, ଡିମ୍ପଲ ସାହୁ, ଅଙ୍କିତା ପ୍ରିୟଦର୍ଶନୀ ମହାନ୍ତି, ସଚିନା ଧଡ଼ା, ପ୍ରବୀଣ ଦାସ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କରୋଲିନା କୁହନ୍ତି, ନୃତ୍ୟର ସାଧନା କରିବା ପାଇଁ ମୋତେ ଏଠାକୁ ଟାଣି ଆଣିଛି। ନୃତ୍ୟ ସଙ୍ଗୀତ ଜଗତରେ ଛଉ ନୃତ୍ୟ ଯେତିକି ମାନ୍ୟତା ପାଇବା କଥା ଆଜି ପର୍ଯ୍ୟନ୍ତ ତାହା ମିଳିପାରିନାହିଁ। ଏହା ଶାସ୍ତ୍ରୀୟତାରେ ଭରପୁର ହୋଇଥିଲେ ମଧ୍ୟ ଆଜିବି ଏହା ଲୋକନୃତ୍ୟ ଭାବେ ପରିଚିତ ହେଉଛି। ଏହାକୁ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦେବା ପାଇଁ ମୟୂରଭଞ୍ଜ ଛଉ ସହିତ ସମ୍ପୃକ୍ତ ସମସ୍ତଙ୍କ ଅନୁଷ୍ଠାନ, ସଙ୍ଗଠକ, ନୃତ୍ୟ ଶିଳ୍ପୀ, ଗବେଷକମାନେ ଏକାଠି ହୋଇ ସେ ଦିଗରେ କାର୍ଯ୍ୟ କରିବାକୁ କହିଥିଲେ।


ନୃତ୍ୟ ଶିଳ୍ପୀ କାରୋଲିନା ତାଲିମ ପ୍ରଦାନ କରୁଛନ୍ତି।

# ଭାଙ୍ଗିଲା ଉଠା ଜଳସେଚନ ପାଇପ

**ଚମ୍ପୁଆ, ୯।୧ (ଡି.ଏନ.ଏ)**

ଚମ୍ପୁଆ ବ୍ଲକ ଅନ୍ତର୍ଗତ କୁଟାରୀପୋଶି ଗ୍ରାମରେ ଏକ ଠିକା ସଂସ୍ଥା ଦ୍ୱାରା ରାତି ଅଧରେ କରାଯାଉଥିବା କାମ ପାଇଁ ଦୀର୍ଘ ବର୍ଷରୁ ରହିଥିବା ଉଠା ଜଳସେଚନ ପାଇପ ଫାଟିବା ନେଇ ସ୍ଥାନୀୟ ଚାଷୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଠା ଜଳସେଚନ ବିଭାଗ ପକ୍ଷରୁ କୁଟାରୀପୋଶି ଗ୍ରାମରେ ଚାଷର ସୁବିଧା ନିମନ୍ତେ ପଏଣ୍ଟ ମାଧ୍ୟମରେ ବୈତରଣୀରୁ ଦୀର୍ଘ ଦିନ ହେବ ପାଣି ଯୋଗାଇ ଦେଇଆସୁଛନ୍ତି ଏବଂ ଏହାର ବିଦ୍ୟୁତ ବିଲ ଦାୟିତ୍ୱ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ମାତ୍ର ଗତ ୨ରୁ ୩ ଦିନ ତଳେ ସମ୍ପୃକ୍ତ କମ୍ପାନୀ ଚାଷୀ ମାନଙ୍କ ଚାଷ ଜମି ଖୋଳି ପାଇପ ବିଛାଇବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ବେଳେ ପୁରୁଣା ପାଇପ୍ ସବୁ ଫାଟିଯାଇଛି। ଫଳରେ ଚାଷୀଙ୍କ ଜମିକୁ ପାଣି ମାଡି ପାରୁନାହିଁ। ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ନାଏକ ପହଞ୍ଚି ଦେଖିବା ପରେ ଠିକା କମ୍ପାନୀ ବିରୋଧରେ ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ପାଣିପଞ୍ଚାୟତର ସଭାପତି ଚିତ୍ରସେନ ମହାନ୍ତଙ୍କ ନେତୃତ୍ୱରେ ସଭ୍ୟମାନେ ଲିଖିତ ଅଭିଯୋଗ ଉପଜିଲାପାଳ କାର୍ଯ୍ୟାଳୟରେ ସହକାରୀ ଜିଲାପାଳ ଚାରୁଲତା ସିଂଙ୍କୁ ପ୍ରଦାନ କରିଛନ୍ତି। ଏସମ୍ପର୍କରେ ସହକାରୀ ଜିଲାପାଳ କହିଛନ୍ତି, ଆମେ ଅଭିଯୋଗ ପାଇଛୁ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

# ଟ୍ରଫି ଜିତିଲା କାଉପୁର ଟିମ୍

**ବନ୍ତ,୯।୧(ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପିନାଥପୁରଠାରେ ଉତ୍କଳମଣି ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୮ ଦଳ ଅଂଶଗ୍ରହଣ କରିଥିଲେ। ଗୋପିନାଥପୁର ଓ କାଉପୁର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କାଉପୁର ୩୯ ରନ୍‌ରେ ବିଜୟୀ ହୋଇଛି। ଲୋକଶକ୍ତିର ସମ୍ପାଦକ ତଥା ସାମାଜିକ କର୍ମୀ ରବୀନ୍ଦ୍ର ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୁବନେତା ଚିତ୍ତ ରଞ୍ଜନ ଉଦ୍‌ଗାତା ଓ ଅନ୍ତର୍ଯ୍ୟାମୀ ମହାପାତ୍ର ମ୍ୟାନ ଅଫ୍ ଦି ମ୍ୟାଚ୍, ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଜେନା, ବରିଷ୍ଠ ନାଗରିକ ଗଗନ ବିହାରୀ ଦାସ ଓ ବିନୋଦ ବିହାରୀ ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ରମେଶ ଜେନା। ଟୁର୍ନାମେଣ୍ଟ ଆୟୋଜନକାରୀଙ୍କୁ ଅବସରପ୍ରାପ୍ତ ଡାକ୍ତର ପୂର୍ଣ୍ଣଚନ୍ଦ୍ର ରାୟ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରିୟବ୍ରତ ଜେନା, ଅଜୟ ଜେନା, ପିତାମ୍ବର ସେନାପତି, ମହେଶ୍ୱର ଜେନା, ପ୍ରକାଶ ରାୟ, ପ୍ରଦୀପ ଜେନା, ସୁବ୍ରତ ଜେନା, ମାନସ ଜେନା, ଅମର ଜେନା, ନୃସିଂହ ମହାପାତ୍ର, ମନୋରଞ୍ଜନ ଜେନା ପ୍ରମୁଖ ସହାୟତା କରିଥିଲେ।

# ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଧାରଣା


ଜଳେଶ୍ୱର ଥାନା ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

**ଜଳେଶ୍ୱର,୯।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ଜଣେ ଶିଶୁକନ୍ୟାଙ୍କୁ ଗତ ୪ ତାରିଖ ରାତିରେ ଅପହରଣ କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ଶିଶୁକନ୍ୟାଙ୍କ ମା' ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଗୁରୁତର ହେବା ପରେ ଭୁବନେଶ୍ୱରସ୍ଥିତ ହସ୍‌ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପ୍ରଚାରିତ ହେବା ପରେ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଅସନ୍ତୋଷ ତେଜିବାରେ ଲାଗିଛି। ଶିଶୁକନ୍ୟାଙ୍କୁ ଉଦ୍ଧାର ଓ ଦୋଷୀଙ୍କୁ ଗିରଫ ଦାବିରେ ଶନିବାର ଗ୍ରାମର ଶତାଧିକ ମହିଳା, ପୁରୁଷ ଜଳେଶ୍ୱର ଥାନା ସମ୍ମୁଖରେ ଧାରଣରେ ବସି ରହିଛନ୍ତି। ଏହି ଧାରଣାରେ ଗ୍ରାମର ନିତାଇ ଚରଣ ଗିରି, ସପନ କୁମାର ଗିରି, ଚୈତନ୍ୟ ବିଶ୍ୱାଳ, ହେମନ୍ତ ସିଂ, ନିରଞ୍ଜନ ମହାନ୍ତି, ରବୀନ୍ଦ୍ର ମିଶ୍ର, ଦୀନବନ୍ଧୁପାତ୍ର ପ୍ରମୁଖ ସାମିଲ ଅଛନ୍ତି।

# ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ

**ବାସୁଦେବପୁର, ୯।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବାରାପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ୧୦୮ ଆମ୍ବୁଲାନ୍ସ କାର୍ଯ୍ୟ ଆରମ୍ଭ କରିଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଶୁଭାରମ୍ଭ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଣ୍ଡଳ ୧୦୮ ଆମ୍ବୁଲାନ୍ସ ସେବା ଏହି ନଦୀଘେରା ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟସେବା ସମସ୍ୟା ଦୂର କରିପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ବିଧାୟକ ରାଉତରାୟ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ପ୍ରତି ଅଗ୍ରାଧିକାର ଦେଇ ଗ୍ରାମାଞ୍ଚଳରେ ୧୦୮ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅସିତ୍ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଡା. ସୁଶାନ୍ତ ସାମନ୍ତ, ଡା. ବିଜୟଲକ୍ଷ୍ମୀ ସାହୁ, ସରପଞ୍ଚ ଯଦୁନାଥ ନାୟକ, ଦୀନବନ୍ଧୁ ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ଗିରୀଶ ଚନ୍ଦ୍ର ସାମଲ, ପୂର୍ବତନ ସରପଞ୍ଚ ଭାଗୀରଥି ବଳ ପ୍ରମୁଖ ଯୋଗ ଦେଇଥିଲେ। ଆର୍ଡୁଂ ସରପଞ୍ଚଙ୍କ ପ୍ରତିନିଧି ଗୌତମ ସେଠୀ ସଭାରେ ପୌରୋହିତ୍ୟ କରିଥିଲେ।

# 'ଯୁବ ସଙ୍ଗଠନ ଶକ୍ତିଶାଳୀ ହେବ'

**ଭୋଗରାଇ,୯।୧(ଡି.ଏନ.ଏ.)**


ଦୀପକ କୁମାର ଦାସ।

ବାଲେଶ୍ୱର ଜିଲା ଭୋଗରାଇ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଦୀପକ କୁମାର ଦାସ ବ୍ଲକ ବିଜେଡି ଯୁବ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ଦଳର ଜଣେ ଶୃଙ୍ଖଳିତ ସୈନିକ ଭାବେ ଅଦ୍ୟାବଧି କାର୍ଯ୍ୟ କରି ଆସୁଛି ଏବଂ ଦଳର ଯୁବ ସଙ୍ଗଠନକୁ ଶକ୍ତିଶାଳୀ ଓ କ୍ରୀୟାଶୀଳ କରିବା ନିମନ୍ତେ ବଦ୍ଧ ପରିକର ବୋଲି ସେ କହିଛନ୍ତି। ନିର୍ବାଚନମଣ୍ଡଳୀ ଅଧୀନ ୫୦ ପଞ୍ଚାୟତର ଯୁବତୀଯୁବକମାନଙ୍କୁ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ବହୁମୁଖୀ ଯୋଜନା ସମ୍ପର୍କରେ ସଚେତନ କରି ନିଜେ ଗୁରୁ ଦାୟିତ୍ୱ ପାଳନ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଭୋଗରାଇ ବିଧାୟକ ଅନନ୍ତ ଦାସ, ରାଜ୍ୟ ଯୁବ ସଭାପତି ବ୍ୟୋମକେଶ ରାୟ, ଜିଲା ବିଜେଡି ସଭାପତି ରବୀନ୍ଦ୍ର କୁମାର ଜେନାଙ୍କ ସହ ଭୋଗରାଇ ଯୁବ ନେତୃତ୍ୱକୁ କୃତଜ୍ଞତା ଜଣାଇଛନ୍ତି। ଦୀପକଙ୍କ ଏହି ନୂତନ ନିଯୁକ୍ତିକୁ ଜିଲା ଯୁବ ସଭାପତି ତାପସ ପରିଡ଼ା, ଉପ-ସଭାପତି ପ୍ରବୀର କୁମାର ଗିରି, ବ୍ରଜ ଗୋପାଳ ଦାସ, ଶିଶିର କୁମାର ରଣା, ବ୍ଲକ ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା ପ୍ରମୁଖ ସ୍ୱାଗତ କରିଛନ୍ତି।

# କରୋନା ଟିକାକରଣ ପାଇଁ ଡ୍ରାଏ ରନ୍

**ଭଣ୍ଡାରିପୋଖରୀ,୯।୧ (ଡି.ଏନ.ଏ/ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର କରୋନା ଟିକାକରଣ ପାଇଁ ଡ୍ରାଏରନ୍ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଡ୍ରାଏରନ୍ ହୋଇଥିଲା। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତା ରାଣୀ ରାଉତଙ୍କ ସଂଯୋଜନାରେ ଡ୍ରାଏରନ୍ କାର୍ଯ୍ୟକ୍ରମରେ ସିଡିଏମ୍‌ଓ ସନ୍ତୋଷ ପାତ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା, ଜିଲା ମ୍ୟାଲେରିଆ ଅଫିସର ମୁରଲୀଧର ନାୟକ, ଚିକିତ୍ସାଧିକାରୀ କମଳାକାନ୍ତ ସ୍ୱାଇଁ, ବିଡିଓ ବିଜୟ କୁମାର ସାହୁ, ଜିଲା ଟିକାକରଣ ପରିଚାଳକ ସୁରଜିତ ପଣ୍ଡା, ବିପିଏମ୍ ରଶ୍ମିରେଖା ପୃଷ୍ଟି, ଅଭିଲାଷ ମହାପାତ୍ର, ସରୋଜ କୁମାର ପୃଷ୍ଟି, ଜିତେନ୍ଦ୍ର ବିଶ୍ୱାଳ, ସୁଭ୍ରା ଗାଙ୍ଗୁଲି, ରଞ୍ଜିତ ବରାଳ, ମନୋରଞ୍ଜନ ରାଉତ, ପଙ୍କଜ ବେହେରା, ସଙ୍ଗୀତା ସେନାପତି ପ୍ରମୁଖ ୮ ଜଣଙ୍କୁ ଟିକାକରଣ ଅଭ୍ୟାସ କରାଇଥିଲେ। ଟିକା ନେବା ଦ୍ୱାରା ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର ବ୍ୟବସ୍ଥା, ଆବଶ୍ୟକ ଔଷଧ ସ୍ଥାନାନ୍ତର ଲାଗି ଆମ୍ବୁଲାନ୍ସ ପ୍ରସ୍ତୁତ କରି ରଖାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ମେଡିକାଲ ଷ୍ଟାଫ, ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ଟିକାକରଣ କରାଯିବାକୁ ସ୍ଥିର ହୋଇଛି। ବ୍ଲକର ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ମଞ୍ଜୁରୀରୋଡ଼, ଜଗନ୍ନାଥପ୍ରସାଦ, ମଞ୍ଜୁରୀ ଓ ବାରିକପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ବାୟା ବାବା ଆଶ୍ରମ ରୋଷେଇ ଘରେ ନିଆଁ

**ହାଟଡିହୀ,୯।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଚଣ୍ଡୀ ବିରଞ୍ଚିପୁରରେ ଥିବା ବାୟା ବାବା ଆଶ୍ରମ ମଠ ରୋଷେଇ ଘରେ କେହି ଦୁର୍ବୃତ୍ତ ଗତ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲଗାଇଛନ୍ତି। ଏନେଇ ସାଧୁ ନଟବର ଦାସ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ନଟବର ଖାଇ ଶୋଇଯିବାପରେ କେହି ରୋଷେଇ ଘରେ ନିଆଁ ଲଗାଇ ଦେଇଥିଲେ। ଆଶ୍ରମ ଅଞ୍ଚଳ ଗରମ ଲାଗିବାରୁ ନଟବର ଉଠି ରୋଷେଇ ଘର ଜଳୁଥିବା ଦେଖିଥିଲେ। ରୋଷେଇ ଘରେ ଥିବା ବିଭିନ୍ନ ଆସବାବପତ୍ର ଓ ଅନ୍ୟାନ୍ୟ ଦରକାରୀ ଜିନିଷ ପତ୍ର ପୋଡି ଯାଇଛି। ଏପରି ଅମାନବିକତା କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

# ମାଛକାନ୍ଦଣା ଡ୍ୟାମ୍ ସର୍ଭିସ ରୋଡ୍ ଶୋଚନୀୟ

**କେନ୍ଦୁଝର, ୯।୧(ଡି.ଏନ.ଏ.)**

କେନ୍ଦୁଝରର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ ବଡଘାଗରା ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବା ମାଛକାନ୍ଦଣା ଡ୍ୟାମ ସର୍ଭିସ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଗତ କିଛି ବର୍ଷ ତଳେ ମାଛକାନ୍ଦଣା ଡ୍ୟାମର ସର୍ଭିସ ରାସ୍ତାକୁ କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ପିଚୁ କରାଯାଇଥିଲା। ମାତ୍ର ରାସ୍ତା ହେବାର କିଛି ଦିନ ପରେ ପିଚୁ ରାସ୍ତା ନଷ୍ଟ ହୋଇ ଯାଇଛି। ଅନେକ ଦିନ ହେବ ରାସ୍ତାର ମରାମତି ଅଭାବରୁ ମେଟାଲ ସବୁ ଉଠି ଯିବାରୁ ଗମନାଗମନରେ ସମସ୍ୟା ଦେଖାଦେଉଛି। ବର୍ଷା ଦିନେ ଏହି ରାସ୍ତା କଥା ନ କହିବା ଭଲ। ଏଥିପାଇଁ ପର୍ଯ୍ୟଟକ ମାନେ ହଇରାଣ ହେଉଛନ୍ତି। ଅଞ୍ଜରଠାରୁ ଭେଜିଡିହି ପର୍ଯ୍ୟନ୍ତ ପ୍ରାୟ ୨.୫ କିମି ରାସ୍ତା ଅବସ୍ଥା ଏପରି ଯେ ଏତିକି ରାସ୍ତା ପାଇଁ ଅଧଘଣ୍ଟା ଏ ସମୟ ଲାଗୁଛି। କରୋନା ସଂକ୍ରମଣ ହାର କମିବା ପରେ ଏଠାକୁ ପର୍ଯ୍ୟଟକଙ୍କ ଆଗମନ ହେଉଛି। ରାସ୍ତାକୁ ପକ୍କା ରାସ୍ତା କରିବାକୁ ଦାବି ହୋଇଛି।

# ଯୁବ କଂଗ୍ରେସ ପକ୍ଷରୁ ଦୀପଦାନ

**ବାଲେଶ୍ୱର ଅଫିସ, ୯।୧**

ବାଲେଶ୍ୱର ସହର ସହଦେବଖୁଣ୍ଟା ନିକଟରେ ମୋଦୀ ସରକାର ଆଣିଥିବା କୃଷକ ବିଲ୍‌କୁ ବିରୋଧ କରି ଶହୀଦ ହୋଇଥିବା କୃଷକମାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ୧୫୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଦୀପ ଲଗାଇ ଗଭୀର ଶ୍ରଦ୍ଧାଞ୍ଜଳିଜଣାଇଥିଲେ। କେନ୍ଦ୍ର ସରକାରଙ୍କ ଏହି କଳା ଆଇନରେ କେତେକ ପୁଞ୍ଜିପତି ଓ କର୍ପୋରେଟ୍ ହାଉସ୍ ଲାଭବାନ ହେବେ। ସେହିପରି କୃଷକମାନଙ୍କ ଉତ୍ପାଦନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ, ମଣ୍ଡି, ଚୁକ୍ତିଭିତ୍ତିକ ଚାଷ ଓ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ସଂଶୋଧନ ପ୍ରତିବାଦରେ ସମଗ୍ର ଦେଶରେ ଅନ୍ନଦାତାମାନେ ନିଜର ହକ୍ ପାଇଁ ସଂଗ୍ରାମ ଚଳାଇଛନ୍ତି। କୃଷକ ନାହିଁ ତ ଦେଶ ନାହିଁ ବୋଲି ମହାନ୍ତି କହିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ବୈଦୁର୍ଯ୍ୟ ଦାସ, ଜିତେନ୍ଦ୍ର ଦାସ, ମନୋରଞ୍ଜନ ବେହେରା, ମନୋଜ ଦାସ, ସମୀର ଦାସ, ଅଜୁ ଦାସ, ସୁବାସିନୀ ଆଚାର୍ଯ୍ୟ, ସିଦ୍ଧାର୍ଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଯୁବ କଂଗ୍ରେସ ତରଫରୁ ଦୀପଦାନ କରାଯାଉଛି।

# ପଥର ଖାଦାନ ବନ୍ଦ ଦାବିରେ ଅନଶନ

**ବାଲେଶ୍ୱର ଅଫିସ, ୯।୧**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ କାଠଗୋଛି ଅଞ୍ଚଳରେ ପଥରଖାଦାନ ବନ୍ଦ ଦାବିରେ ଶନିବାର ସ୍ଥାନୀୟ ବାସିନ୍ଦା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ବାସଭବନସ୍ଥ ଅଫିସ୍ ସମ୍ମୁଖରେ ଅନଶନରେ ବସିଛନ୍ତି। ଜିଲା ପ୍ରଶାସନର ବୁଝାଶୁଝା ପରେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ଗ୍ରାମବାସୀ ମହିଳାପୁରୁଷ ସମେତ ଛୋଟଛୋଟ ପିଲାମାନଙ୍କୁ ଧରି ବସିଥିବା ଦେଖିବାକୁ ମିଳିଥିଲା।

ଅନଶନକାରୀଙ୍କ ଦାବି ଅନୁସାରେ ଦୀର୍ଘ ୨୦ବର୍ଷଧରିଉକ୍ତ ଅଞ୍ଚଳରେ ପଥର ଖାଦାନ କରାଯାଇଆସୁଥିଲା। ଫଳରେ ଗୋଟିଏ ଗୋଟିଏ ସ୍ଥାନରେ ୮୦ରୁ ୧୦୦ ଫୁଟ୍ ପର୍ଯ୍ୟନ୍ତ ଗାତ ହୋଇଥିଲା। ଏଥିରେ ଗୃହପାଳିତ ପ୍ରାଣୀ ପଡ଼ି ପ୍ରାଣ ହରାଇଛନ୍ତି। ବହୁ ମାଲିମକଦ୍ଦମା ପରେ ୨୦୦୯ରେ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ଼ଙ୍କ ନିର୍ଦ୍ଦେଶରେ ଉକ୍ତ ଖାଦାନ ବନ୍ଦ ହୋଇଥିଲା। ପୁଣି ଏହାକୁ ନେଇ ହାଇକୋର୍ଟ ଜଏଣ୍ଟ ଇନ୍‌କ୍ୱାରୀ କମିଶନ ବସାଇ ନିଷ୍ପତ୍ତି କରିବାର ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ମୁଖ୍ୟ ଥିବାବେଳେ ନୀଳଗିରି ଉପଜିଲାପାଳ, ବନବିଭାଗ ଅଧିକାରୀ, ତହସିଲଦାର ପ୍ରମୁଖ ସଦସ୍ୟଙ୍କୁ ନେଇ ଏକ ରିପୋର୍ଟ ହାଇକୋର୍ଟରେ ଦାଖଲ କରାଯାଇଥିଲା। ଏପରିକି ଉକ୍ତ ଜଏଣ୍ଟ ଇନ୍‌କ୍ୱାରୀ କମିଶନଙ୍କ ରିପୋର୍ଟ ଅନୁଯାୟୀ ପରିବେଶ ବିଭାଗରୁ ମଞ୍ଜୁରି ମିଳିଥିଲା। ପରେ ନୀଳଗିରି ତହସିଲ ପକ୍ଷରୁ ଉକ୍ତ ଖାଦାନକୁ ମାତ୍ର ୩ମାସ ପାଇଁ ୨୫ଲକ୍ଷ ଟଙ୍କାରେ ନିଲାମ ଦିଆଯିବା ପରେ ନିଲାମଧାରୀମାନେ ଉକ୍ତ ପଥର ଖାଦାନରେ ଭର୍ତ୍ତି ହୋଇଥିବା ପାଣିକୁ ବାହାରକୁ ନିଷ୍କାସିତ କରିଥିଲେ। କିନ୍ତୁ ପାଣି ଦ୍ୱାରା ପଥର ଖାଦାନ ପାଖରେ ଥିବା ପ୍ରାୟ ୫୦ଏକରରୁ ଊର୍ଦ୍ଧ୍ୱ ଜମିରେ ପାଣି ଜମି ଯାଇଥିଲା। ଜମିରେ ମାଲିକମାନେ ରବି ଚାଷ କରିବାରୁ ବଞ୍ଚିତ ହେଉଥିବା ଭରତ ମଲ୍ଲିକ, ମିଥୁନ ସିଂ, କୁନି ସିଂ, କଟି ସିଂ, ସୁଶୀଳା ସିଂ ପ୍ରମୁଖ ଅଭିଯୋଗ କରିଛନ୍ତି। ଅନଶନସ୍ଥଳରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ପହଞ୍ଚି ସେମାନଙ୍କର ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

ଏ ସମ୍ପର୍କରେ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜଏଣ୍ଟ ଇନ୍‌କ୍ୱାରୀ କମିଶନଙ୍କ ରିପୋର୍ଟ ଅନୁଯାୟୀ ପଥର ଖାଦାନକୁ ନିଲାମ କରାଯାଇଥିଲା। ୩ମାସ ପାଇଁ ୨୫ଲକ୍ଷ ଟଙ୍କା ଡିପୋଜିଟ୍ କରି ପଥର ଶିଳ୍ପ ସଙ୍ଗଠନ ନେଇଛନ୍ତି। ପଥରଖାଦାନରୁ ପଥର ଉତ୍ତୋଳନ କରିବା ସହ ଖାଲକୁ ଭର୍ତ୍ତି କରି ଭୂମି ସହ ସମାନ କରିବା ସର୍ତ୍ତ ରହିଛି। ଲୋକମାନଙ୍କ ସୁରକ୍ଷା ନିମନ୍ତେ ଖାଲର ରାସ୍ତା ପାର୍ଶ୍ୱରେ ପକ୍କା ପାଚେରି ନିର୍ମାଣ କରାଯାଇଛି। ପଥରଖାଦାନରୁ ନିଷ୍କାସିତ ପାଣିକୁ ଜମିକୁ ନ ଦେଇ ଜଙ୍ଗଲ ଆଡକୁ ଛାଡ଼ିବା ପାଇଁ ନିଲାମଧାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅନଶନରେ ବସିଥିବା ଆନ୍ଦୋଳନକାରୀ।

